# NATIONAL NEWS BULLETIN (ODIA)

## 10 July - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଆଜି ନ୍ୟୁଜିଲାଣ୍ଡରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

- ଉପସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଭାରତ ଓ ଓମାନ୍ ।

- ସଂସଦର ମୌସୁମୀ ଅଧିବେଶନର ପ୍ରସ୍ତୁତିର ସମୀକ୍ଷା କଲେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଫିଫା ବିଶ୍ୱକପ୍‌ର ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଆଜି ସ୍ପେନ୍ ଭେଟିବ ବେଲ୍‌ଜିୟମକୁ ।

# ପିଏମ୍-ନ୍ୟୁଜିଲାଣ୍ଡ

ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନ୍ୟୁଜିଲାଣ୍ଡରେ ପହଞ୍ଚିଛନ୍ତି । ଅକ୍‌ଲାଣ୍ଡ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କର ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର୍ ଲକ୍ସନ୍ ଶ୍ରୀ ମୋଦୀଙ୍କୁ ସ୍ୱାଗତ ଜଣାଇଥିଲେ । ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ପକ୍ଷରୁ ମଧ୍ୟ ଶ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଉଭୟ ଦେଶର ଲୋକେ ଭାରତୀୟ ତ୍ରିରଙ୍ଗା ହାତରେ ଧରି "କିଆ ଓରା ମୋଦୀ" ଉଚ୍ଚାରଣ କରି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି । ପ୍ରାୟ ୪୦ ବର୍ଷ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଦୁଇ ଦିନ ଲାଗି ଏହି ଐତିହାସିକ ଗସ୍ତ କରିଛନ୍ତି ।

ତାଙ୍କର ଏହି ଗସ୍ତ ଲାଗି ନ୍ୟୁଜିଲାଣ୍ଡରେ ଅନେକ ଉତ୍ସାହ ପରିଲକ୍ଷିତ ହୋଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏହି ଗସ୍ତ ଅବସରରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଶିକ୍ଷା, ଜ୍ଞାନକୌଶଳ, ଜନସମ୍ପର୍କ ଆଦି କ୍ଷେତ୍ରରେ ଜାରି ରହିଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଉଭୟ ପ୍ରଧାନମନ୍ତ୍ରୀ ଆଲୋଚନା କରିବାର ଆଶା କରାଯାଉଛି । ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ।

## ପିଏମ୍-ଅଷ୍ଟ୍ରେଲିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସମ୍ପ୍ରତି ଅଷ୍ଟ୍ରେଲିଆ ଗସ୍ତ ଅବସରରେ ସେଠାରେ ତାଙ୍କୁ ପ୍ରଦାନ କରାଯାଇଥିବା ଆତିଥେୟତା ଲାଗି ସେ ଅଷ୍ଟ୍ରେଲିଆ ସରକାର, ଜନସାଧାରଣ ଏବଂ ବିଶେଷ କରି ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍‌ଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଅଷ୍ଟ୍ରେଲିଆ ଗସ୍ତ ସଫଳ ହୋଇଛି । ତାଙ୍କର ଏହି ଗସ୍ତ ଦ୍ୱାରା ଭାରତ-ଅଷ୍ଟ୍ରେଲିଆ ଭାଗିଦାରିକୁ ଅଧିକ ସଶକ୍ତ କରାଯାଇପାରିବା ସହିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ଲାଗି ନୂତନ ସୁଯୋଗ ସୃଷ୍ଟି ହୋଇପାରିବ । ଅଷ୍ଟ୍ରେଲିଆ ଗସ୍ତର ସଫଳତା ଦ୍ୱାରା ଉଭୟ ଦେଶ ଉପକୃତ ହୋଇପାରିବେ । ଏତଦ୍‌ବ୍ୟତୀତ ବିଶ୍ୱ ସମ୍ପ୍ରଦାୟ ପ୍ରତି ଏହାର ଏକ ସକାରାତ୍ମକ ଅବଦାନ ରହିବ ବୋଲି ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆଶାବ୍ୟକ୍ତ କରିଛନ୍ତି ।

## ଜୟଶଙ୍କର-ଓମାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ମସ୍କାଟ୍‌ଠାରେ ତାଙ୍କର ଓମାନ୍ ପ୍ରତିପକ୍ଷ ବାଦର୍ ବିନ୍ ହମାଦ୍ ଅଲ୍

ବୁସାଇଦିଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ବାଣିଜ୍ୟ, ପୁଞ୍ଜିନିବେଶ, ଯୋଗାଯୋଗ, ବୈଷୟିକ ଜ୍ଞାନକୌଶଳ, ପ୍ରତିରକ୍ଷା, କୃତ୍ରିମ ବୁଦ୍ଧିମତା, ସାମୁଦ୍ରିକ ଓ ସାଇବର କ୍ଷେତ୍ର ଆଦି ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଥିଲା । ଏହିସବୁ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ସମ୍ମତି ପ୍ରଦାନ କରିଛନ୍ତି ।

ଏହାଛଡ଼ା ଉପସାଗରୀୟ ଅଞ୍ଚଳର ବିକାଶ ଉପରେ ଉଭୟ ନେତା ବିସ୍ତୃତ ଆଲୋଚନା କରିବା ସହିତ ଏହି ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ମିଳିତ ପ୍ରୟାସ ଜାରି ରଖିବେ ବୋଲି ସମ୍ମତି ପ୍ରକାଶ କରିଛନ୍ତି । ଭାରତ-ଓମାନ ମଧ୍ୟରେ ରଣନୈତିକ ଭାଗିଦାରିର ବିଶ୍ୱାସ ଓ ଶକ୍ତି ଏହି ଆଲୋଚନା ମାଧ୍ୟମରେ ପ୍ରତିଫଳିତ ହୋଇଛି ବୋଲି ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

ଇତିମଧ୍ୟରେ ଓମାନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି, ଭାରତ-ଓମାନ୍ ମଧ୍ୟରେ ଦୀର୍ଘଦିନରୁ ରହି ଆସିଥିବା ସାମୁଦ୍ରିକ ସମ୍ପର୍କ ଦୁଇ ଦେଶର ଜନସାଧାରଣଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ଯୋଡ଼ି ରଖିଛି । ଏତଦ୍‌ବ୍ୟତୀତ ଦୁଇ ଦେଶ ମଧ୍ୟରେ ଥିବା ଭାଗିଦାରିକୁ ଏକ ସଶକ୍ତ ଭିତ୍ତିଭୂମି ପ୍ରଦାନ କରିବାରେ ସହାୟକ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି

ସୂଚନା ଦେଇ ଶ୍ରୀ ଆଲ୍‌ବୁସାଇଦି କହିଛନ୍ତି, ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷିତ ଜାହାଜ ଚଳାଚଳ ସମ୍ପର୍କରେ ସେ ତାଙ୍କ ଭାରତୀୟ ପ୍ରତିପକ୍ଷ ଡକ୍ଟର ଜୟଶଙ୍କରଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି ଏବଂ ଏ ଦିଗରେ ସମର୍ଥନ ଲାଗି ସେ ଭାରତକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ଡକ୍ଟର ଜୟଶଙ୍କର ଆଜି ଓମାନ୍‌ରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହିତ ଭାବବିନିମୟ କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ସେଠାରେ ସ୍ଥାନୀୟ ଭାରତୀୟ ବଂଶୋଦ୍ଭବଙ୍କର ବିଭିନ୍ନ କ୍ଷେତ୍ରରେ ଅବଦାନ ଏବଂ ଉତ୍ସାହ ମାଧ୍ୟମରେ ଭାରତ-ଓମାନ ସମ୍ପର୍କ ଅଧିକ ସଶକ୍ତ ହୋଇପାରିଛି । ଉଭୟ ସମାଜ ଓ ଦୁଇ ଦେଶର ଭାଗିଦାରୀ ପ୍ରତି ସେମାନଙ୍କର ଅବଦାନକୁ ଡକ୍ଟର ଜୟଶଙ୍କର ପ୍ରଶଂସା କରିଛନ୍ତି ।

## ଯୋଶୀ-କ୍ଲିନ୍ ଏନର୍ଜି

ଦେଶର ବିଦ୍ୟୁତ୍ ଚାହିଦାର ୫୦ ପ୍ରତିଶତ ଦ୍ୱିତୀୟଥର ଲାଗି ସ୍ୱଚ୍ଛ ଶକ୍ତିଦ୍ୱାରା ପୂରଣ ହୋଇପାରିଛି ବୋଲି  ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି ଚଳିତ ମାସ ୬ ତାରିଖରେ ନବୀକରଣୀୟ ଶକ୍ତି ଉତ୍ସରୁ ୫୦ ଦଶମିକ ୨ ପ୍ରତିଶତ ଶକ୍ତି ଯୋଗାଣ ସଫଳ ହୋଇଛି । ସେ

କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏହି କ୍ଷେତ୍ରରେ ସମାବେଶୀ ବିକାଶ ଲକ୍ଷ୍ୟ ହାସଲ କରୁଛି ।

## ଭିପି-ଭିଜିଟ୍ ବିହାର

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲି ବିହାର ଗସ୍ତ କରିବେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ବିହାର ବିଧାନସଭା ସଦସ୍ୟମାନଙ୍କର ତାଲିମ୍ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ । ଏହି ତାଲିମ୍ କାର୍ଯ୍ୟକ୍ରମ ବିହାର ସାଧାରଣ ପ୍ରଶାସନ ଓ ସହରାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ହୋଇଛି ।

## ମେଘୱାଲ-ମନ୍‌ସୁନ୍ ସେସନ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବାରୁ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଡକ୍ଟର ଏଲ୍. ମୁରୁଗାନ ଆଜି ସଂସଦ ଭବନ ପରିସରରେ ଏହାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମେଘୱାଲ କହିଛନ୍ତି, ଆଗାମୀ ଅଧିବେଶନ ଲାଗି ସଂସଦରେ ହେବାକୁ ଥିବା ବିଭିନ୍ନ ବୈଧାନିକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିବା ସହିତ ଏଥିଲାଗି

ଆବଶ୍ୟକ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରାଯାଇଛି । ସଂସଦର ମୌସୁମୀ ଅଧିବେଶନ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ରେଲୱେ-କବଚ୍

ଦେଶର ଉତ୍ତରାଞ୍ଚଳ ରେଳବାଇର ୬୮୦ କିଲୋମିଟର ଦୀର୍ଘ ରେଳପଥରେ କବଚ୍ ସୁରକ୍ଷା ବ୍ୟବସ୍ଥା ସ୍ଥାପନ ଲାଗି ୨୦୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହାଦ୍ୱାରା ସମ୍ପୃକ୍ତ ରେଳପଥର ସୁରକ୍ଷା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତଥା ମାତ୍ରାଧିକ ଟ୍ରେନ୍ ଚଳାଚଳ କରୁଥିବା ରେଳପଥଗୁଡ଼ିକରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ସୁରକ୍ଷା ବ୍ୟବସ୍ଥା ସ୍ଥାପନ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ । ଏ ସମ୍ପର୍କରେ ସୂଚନା ଦେଇ ରେଳ ମନ୍ତ୍ରଣାଳୟ କହିଛି, କବଚ୍‌ର ଫୋର୍ ପଏଣ୍ଟ ଜିରୋ ସଂସ୍କରଣ ଦିଲ୍ଲୀ ଡିଭିଜନ୍‌ର ରେୱାରି-ଦିଲ୍ଲୀ ଏବଂ ଶକୁର୍‌ବସ୍ତି-ଭଟିଣ୍ଡା ସେକ୍‌ସନ୍‌ରେ କାର୍ଯ୍ୟକାରୀ କରାଯିବ । ଟ୍ରେନ୍ ଧକ୍କା ଭଳି ବିପଦ ପୂର୍ଣ୍ଣ ଅଘଟଣ ସମୟରେ ଏବଂ ଏପରିକି କୁହୁଡ଼ି ଭଳି ପ୍ରତିକୂଳ ପାଗରେ ମଧ୍ୟ ଏହି ବ୍ୟବସ୍ଥା ମାଧ୍ୟମରେ ସୁରକ୍ଷା ପ୍ରଦାନ କରାଯାଇପାରିବ ବୋଲି ମନ୍ତ୍ରଣାଳୟ କହିଛି ।

# ନଡ୍ଡା-ଏବିଡିଏମ୍ ରିଭ୍ୟୁ ମିଟିଂ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍‌ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏଥିରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ଏହି ମିଶନ୍ ଅଧୀନରେ ଦେଶ ବ୍ୟାପି ଏକ ସଶକ୍ତ ଡିଜିଟାଲ୍ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସ୍ଥାପନ କରାଯାଇପାରିଛି । ଦେଶବାସୀଙ୍କୁ ଏହି ଯୋଜନା ମାଧ୍ୟମରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସମ୍ପୃକ୍ତ ଭିତ୍ତିଭୂମିର କିଭଳି ସର୍ବାଧିକ ଉପଯୋଗ କରାଯାଇ ପାରିବ ତାହା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି । ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ସମାବେଶୀ, ସୁଗମ ତଥା ସହଜରେ ଉପଲବ୍ଧ ହୋଇପାରୁଥିବା ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ବିଶ୍ୱର ସର୍ବବୃହତ ଏହି ଡିଜିଟାଲ୍ ସ୍ୱାସ୍ଥ୍ୟ ଇକୋସିଷ୍ଟମ୍ ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍ ଅଧୀନରେ ପ୍ରାୟ ୯୪ କୋଟି ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ନମ୍ବର ସୃଷ୍ଟି କରାଯାଇପାରିଛି ଏବଂ ୧୦୫ କୋଟି ସ୍ୱାସ୍ଥ୍ୟ ରେକର୍ଡ଼ ସଂଯୋଗ ହୋଇଛି । ଏତଦ୍‌ବ୍ୟତୀତ ପ୍ରାୟ ୧୦ ଲକ୍ଷ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏଥିରେ ପଞ୍ଜିକୃତ ହୋଇଥିବା ବେଳେ ୫ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ ଯତ୍ନ କେନ୍ଦ୍ର ଏହି ମିଶନ୍ ଅଧୀନରେ ଦେଶ ବ୍ୟାପି ସ୍ଥାପନ କରାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି ।

# ଫିଫା-କ୍ୱାର୍ଟର ଫାଇନାଲ୍

ଫିଫା ବିଶ୍ୱକପ୍‌ରେ ଆଜି ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍‌ରେ ସ୍ପେନ୍ ଏବଂ ବେଲ୍‌ଜିୟମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରେ ଲସ୍ ଆଞ୍ଜେଲସ୍ ଷ୍ଟାଡିୟମ୍‌ରେ ଖେଳାଯିବ ।

ପୂର୍ବରୁ ଆମେରିକାର ବୋଷ୍ଟନ୍‌ରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଫ୍ରାନ୍ସ ୨-୦ରେ ମୋରୋକ୍କୋକୁ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଛି । ଏଥିସହିତ ପ୍ରଥମଥର ପାଇଁ ଫ୍ରାନ୍ସ କ୍ରମାଗତ ଭାବେ ତୃତୀୟଥର ଲାଗି ବିଶ୍ୱକପ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ରବିବାର ଦିନ ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ୍‌ରେ ନରୱେ' ଇଂଲଣ୍ଡକୁ ଏବଂ ଆର୍ଜେଣ୍ଟିନା' ସ୍ୱିଜରଲାଣ୍ଡକୁ ଭେଟିବ ।

# ଉିମ୍ବିଲଡନ୍

ଉିମ୍ବିଲଡନ୍ ଟେନିସ୍‌ର ପୁରୁଷ ସିଙ୍ଗଲ୍ସ ବର୍ଗର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଜାରି ରହିଛି । ବ୍ରିଟେନ୍‌ର ଆର୍ଥର ଫେରି ଏବଂ ଜର୍ମାନ୍‌ର ଆଲେକ୍ସଜାଣ୍ଡର୍ ଜ'ଭେରେଭ୍‌ଙ୍କ ମଧ୍ୟରେ ଏହି ମ୍ୟାଚ୍ ଚାଲିଛି । ଆଜି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ପୂର୍ବ ବର୍ଷର

ଚାମ୍ପିୟାନ୍ ଇଟାଲୀର ଜାନିକ୍ ସିନ୍ନର୍’ ୭ ଥର ୱିମ୍ବିଲଡନ୍ ଚମ୍ପିୟାନ୍ ହୋଇଥିବା ସର୍ବିୟାର ନୋଭାକ୍ ଜୋକୋଭିକ୍‌ଙ୍କୁ ଭେଟିବେ । ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟା ୪୦ ମିନିଟ୍‌ରେ ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଛି ।

## କ୍ରିକେଟ୍

ଭାରତ-ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକକ ଟେଷ୍ଟ ମ୍ୟାଚ୍ ଆଜି ଲର୍ଡସ୍‌ଠାରେ ଜାରି ରହିଛି । ଇଂଲଣ୍ଡ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଛି । ପ୍ରଥମେ ବ୍ୟାଟିଂ କରି ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଭାରତୀୟ ଦଳ ୩ ୱିକେଟ୍ ହରାଇ ୧୭୦ ରନ୍ ସଂଗ୍ରହ କରିଛି ।

ଲର୍ଡସ୍‌ରେ ପ୍ରଥମଥର ପାଇଁ ଏହି ମହିଳା ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ଆଜିର ମ୍ୟାଚ୍‌କୁ ମିଶାଇ ଭାରତୀୟ ମହିଳା କ୍ରିକେଟ୍ ଦଳ ୧୬ଥର ଇଂଲଣ୍ଡ ବିପକ୍ଷରେ ପ୍ରଦର୍ଶନ କରିଛି । ସେଥିମଧ୍ୟରୁ ଇଂଲଣ୍ଡ ଗୋଟିଏରେ ବିଜୟ ଲାଭ କରିଥିବାବେଳେ ଭାରତ ତିନୋଟିରେ ବିଜୟ ଲାଭ କରିଥିଲା । ଅନ୍ୟ ୧୧ଟି ମ୍ୟାଚ୍ ଅମିମାଂଶିତ ରହିଥିଲା । ୨୦୨୧ ଜୁନ୍‌ରେ ଅନୁଷ୍ଠିତ ଶେଷ ଟେଷ୍ଟ ମ୍ୟାଚ୍ ଡ୍ର’ ରହିଥିଲା ।